**ଶକ୍ତି, ଏହାର ନିର୍ଦ୍ଦେଶକ, ରାମ୍ପାଚୋଡ଼ବରମ୍, ପୂର୍ବ ଗୋଦାବରୀ ଜିଲ୍ଲା, ଆନ୍ଧ୍ର ପ୍ରଦେଶ**

**ମାଧ୍ୟମରେ**

**ବନାମ**

**ଆର୍.କେ. ରାଗାଲା ଏବଂ ଅନ୍ୟମାନେ**

**ନଭେମ୍ବର 6, 1995**

**[କେ. ରାମସ୍ୱାମୀ ଏବଂ ବି.ଏନ୍. କିର୍ପାଲ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*ବିଭାଗୀୟ କାର୍ଯ୍ୟାନୁଷ୍ଠାନ - କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ - ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କାରଣ ଦର୍ଶାଅ ନୋଟିସ୍ ରଦ୍ଦ - ଏହି ସମୟ ମଧ୍ୟରେ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି - ନିର୍ଣ୍ଣୟ କରାଗଲା: ଯଦିଓ ଉଚ୍ଚ ନ୍ୟାୟାଳୟ ନୋଟିସ୍ ପର୍ଯ୍ୟାୟରେ ହସ୍ତକ୍ଷେପ କରିବା ଯଥାର୍ଥ ନଥିଲା, ଯେହେତୁ କର୍ମଚାରୀ ଅବସର ଗ୍ରହଣ କରିସାରିଛନ୍ତି, ତେଣୁ କାର୍ଯ୍ୟାନୁଷ୍ଠାନ ଜାରି ରଖିବା ଦ୍ୱାରା କୌଣସି ସାର୍ଥକ ଉଦ୍ଦେଶ୍ୟ ସାଧିତ ହେବ ନାହିଁ ।*

**ଉତ୍ତରଦାତା ସଂଖ୍ୟା 1 ଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସକୁ ରଦ୍ଦ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ବିରୁଦ୍ଧରେ ଅପିଲକାରୀ ବିଶେଷ ଅନୁମତି ଆବେଦନ ମାଧ୍ୟମରେ ଏହି ଅପିଲ ଦାୟର କରିଥିଲେ ।**

**ଏହି ଅପିଲକୁ ଖାରଜ କରି, ଏହି ନ୍ୟାୟାଳୟ ନିର୍ଣ୍ଣୟ କରିଲେ:**

**ଯଦିଓ ନୋଟିସ୍ ପର୍ଯ୍ୟାୟରେ ହସ୍ତକ୍ଷେପ କରିବା ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଯଥାର୍ଥ ନଥିଲା, ଯେହେତୁ ଉତ୍ତରଦାତା ସେବାରୁ ଅବସର ଗ୍ରହଣ କରିସାରିଛନ୍ତି, ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ କରାଯାଇଥିବା କାରଣ ଦର୍ଶାଅ ନୋଟିସ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଜାରି ରଖିବା ଦ୍ୱାରା କୌଣସି ସାର୍ଥକ ଉଦ୍ଦେଶ୍ୟ ସାଧିତ ହେବ ନାହିଁ । ତେବେ, ଯଦି ଉତ୍ତରଦାତାଙ୍କ ସନ୍ତାନମାନେ ସେମାନେ ଅନୁସୂଚିତ ଜନଜାତି ବୋଲି କୌଣସି ଦାବି ଉପସ୍ଥାପନ କରନ୍ତି, ତେବେ ଉପଯୁକ୍ତ କର୍ତ୍ତୃପକ୍ଷ ଆଇନ ଅନୁଯାୟୀ ସେମାନଙ୍କ ଦାବି ଉପରେ ନିଷ୍ପତ୍ତି ନେବେ । [796- C- D]**

*କୁମାରୀ ମାଧୁରୀ ପାଟିଲ ବନାମ ଅତିରିକ୍ତ ଆୟୁକ୍ତ*, **[1994] 6 SCC 241 ଏବଂ** *ଆଦିବାସୀ କଲ୍ୟାଣ ନିର୍ଦ୍ଦେଶକ, ଏ. ପି. ସରକାର ବନାମ ଲାଭେଟି ଗିରି ଏବଂ ଅନ୍ୟମାନେ*, **JT (1995) 3 SC 684 ମାମଲାଦ୍ୱୟ ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 10754/1995 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 917/1992 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 31.1.94 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀଙ୍କ ପକ୍ଷରୁ ଡ. ଏମ୍.ପି. ରାଜୁ ଏବଂ ଏମ୍.କେ.ଡି. ନମ୍ବୁଦିରି ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ବିଶେଷ ଅନୁମତି ଆବେଦନ ଦାୟର କରିବାକୁ ଅନୁମତି ପ୍ରଦାନ କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ଯେହେତୁ ପ୍ରଥମ ଉତ୍ତରଦାତା ବର୍ତ୍ତମାନ ସେବାରୁ ଅବସର ଗ୍ରହଣ କରିସାରିଛନ୍ତି, ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ କରାଯାଇଥିବା କାରଣ ଦର୍ଶାଅ ନୋଟିସ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଜାରି ରଖିବା ଦ୍ୱାରା କୌଣସି ସାର୍ଥକ ଉଦ୍ଦେଶ୍ୟ ସାଧିତ ହେବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ନୋଟିସ ପର୍ଯ୍ୟାୟରେ ହିଁ କାର୍ଯ୍ୟାନୁଷ୍ଠାନକୁ ମୂଳରୁ ବନ୍ଦ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ନିଜ କ୍ଷମତାର ପ୍ରୟୋଗ କରିବା ଯଥାର୍ଥ ନଥିଲା । ଆଇନ ସମ୍ବନ୍ଧରେ, ନିକଟରେ ଏହି ନ୍ୟାୟାଳୟ *କୁମାରୀ ମାଧୁରୀ ପାଟିଲ ବନାମ ଅତିରିକ୍ତ ଆୟୁକ୍ତ*, [1994] 6 SCC 241 ଏବଂ *ଆଦିବାସୀ କଲ୍ୟାଣ ନିର୍ଦ୍ଦେଶକ, ଏ. ପି. ସରକାର ବନାମ ଲାଭେଟି ଗିରି ଏବଂ ଅନ୍ୟମାନେ*, JT (1995) 3 SC 684 ମାମଲାରେ ଏହି ବିବାଦ ଉପରେ ବିଚାର କରିଛନ୍ତି ଏବଂ ଆଇନ ସ୍ଥିର କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିର ସିଦ୍ଧାନ୍ତ ଆଉ ଆଇନତଃ ବୈଧ ନୁହେଁ ।

ଏଭଳି ପରିସ୍ଥିତିରେ, ଆମେ ଭାବୁଛୁ ଯେ କାର୍ଯ୍ୟାନୁଷ୍ଠାନ ଜାରି ରଖିବା ଦ୍ୱାରା କୌଣସି ସାର୍ଥକ ଉଦ୍ଦେଶ୍ୟ ସାଧିତ ହେବ ନାହିଁ । ତେବେ, ଯଦି ପ୍ରଥମ ଉତ୍ତରଦାତାଙ୍କ ସନ୍ତାନମାନେ ସେମାନେ ଅନୁସୂଚିତ ଜନଜାତି ବୋଲି କୌଣସି ଦାବି ଉପସ୍ଥାପନ କରନ୍ତି, ତେବେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପାଇଁ ଆଇନ ଅନୁଯାୟୀ ଆବଶ୍ୟକୀୟ ନିଷ୍ପତ୍ତି କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଥ ଉନ୍ମୁକ୍ତ ରହିବ ।

ଉପରୋକ୍ତ ମନ୍ତବ୍ୟ ସହିତ ଅପିଲଟିର ଫଏସଲା କରାଗଲା ।

ଆର୍.ପି. ଅପିଲଟିର ଫଏସଲା କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**